**ପ୍ରେସ ବିବୃତ୍ତି**
**ତାରିଖ: 08.06.2026**
**ସ୍ଥାନ: ରାଉରକେଲା**

ରାଜ୍ୟବ୍ୟାପୀ ଚାଲିଥିବା **"ନିଶା ମୁକ୍ତ ଓଡ଼ିଶା ଅଭିଯାନ"** ଅନ୍ତର୍ଗତ ଆଜି ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ମୀନାପଡା ଅଞ୍ଚଳରେ ପୋଲିସ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଉଚ୍ଛେଦ ଅଭିଯାନ କରାଯାଇଥିଲା। ଏହି ଅଭିଯାନ ସମୟରେ ମାଦକ ଦ୍ରବ୍ୟ କାରବାର ସମେତ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଓ ଏକାଧିକ ମାମଲାରେ ଜଡିତ ବ୍ୟକ୍ତିମାନଙ୍କ ସହ ସମ୍ପର୍କିତ ବୋଲି ଅଭିଯୋଗ ଥିବା **୦୬ଟି ଘରକୁ ଆଇନସମ୍ମତ ଏବଂ ପ୍ରଶାସନିକ ପ୍ରକ୍ରିୟା ଅନୁସରଣ କରି ଭଙ୍ଗାଯାଇଥିଲା।**

ମୀନାପଡା ଅଞ୍ଚଳ ଦୀର୍ଘଦିନ ଧରି ବେଆଇନ ମାଦକ ଦ୍ରବ୍ୟ ବ୍ୟବସାୟ, ଅସାମାଜିକ କାର୍ଯ୍ୟକଳାପ ଓ ଅପରାଧିକ ତତ୍ତ୍ୱମାନଙ୍କ ଉପସ୍ଥିତି ନେଇ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ ହୋଇଆସିଛି, ଯାହା ଜନସୁରକ୍ଷା ଏବଂ ଆଇନ-ଶୃଙ୍ଖଳା ପ୍ରତି ଗୁରୁତର ଚିନ୍ତାର କାରଣ ହୋଇଥିଲା।

ଅଭିଯାନ ସମୟରେ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା ଏବଂ କୌଣସି ଅପ୍ରୀତିକର ଘଟଣାକୁ ଏଡାଇବା ପାଇଁ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ତଦାରଖ କରିଥିଲେ।

ରାଉରକେଲା ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ମାଦକ ଦ୍ରବ୍ୟ କାରବାର, ଅସାମାଜିକ କାର୍ଯ୍ୟକଳାପ ଓ ବେଆଇନ ଦଖଲଦାରୀ ବିରୋଧରେ କଠୋର ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରଖିବା ସହିତ ଜନସୁରକ୍ଷା ଏବଂ ଆଇନ-ଶୃଙ୍ଖଳା ରକ୍ଷା ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରିଛି।

***